# NATIONAL NEWS BULLETIN (ODIA)

## 6 February - 2025

## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ରାଜ୍ୟସଭାରେ ଉତ୍ତର ରଖିଲେ ପ୍ରଧାନମନ୍ତ୍ରୀ ।
- ବେଆଇନ୍ ପ୍ରବାସୀଙ୍କ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆନ୍ତର୍ଜାତିକ ସମ୍ପର୍କରେ ଏକ ଗ୍ରହଣୀୟ ନୀତି ବୋଲି ସ୍ପଷ୍ଟ କଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।
- ମଧ୍ୟପ୍ରଦେଶର ବେହେତା ଗ୍ରାମ ନିକଟରେ ବାୟୁସେନାର ଏକ ଲଢୁଆ ବିମାନ ଦୁର୍ଘଟଣା ଗ୍ରସ୍ତ ।

– ୨ ପାଇଲଟ ସୁରକ୍ଷିତ ଭାବେ ଉଦ୍ଧାର ।

- ନାଇଜେରିଆର ଏକ ବିଦ୍ୟାଳୟରେ ଅଗ୍ନିକାଣ୍ଡ ଯୋଗୁଁ ୧୭ ଜଣ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ।

ଏବଂ

- ନାଗପୁର ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଭାରତ ସମ୍ମୁଖରେ ୨୪୯ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କଲା ଇଂଲଣ୍ଡ ।

## ଆର୍‌ଏସ୍-ଧନ୍ୟବାଦ ପ୍ରସ୍ତାବ

ସଂସଦର ମିଳିତ ଅଧିବେଶନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣର ଧନ୍ୟବାଦ ପ୍ରସ୍ତାବ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜ୍ୟସଭାରେ ଉତ୍ତର ରଖିଛନ୍ତି ।  ଶ୍ରୀ ମୋଦୀ ଡକ୍ଟର ବାବାସାହେବ ଆମ୍ବେଦକରଙ୍କ କଥା ଗୃହରେ ଉଠାଇ କଂଗ୍ରେସକୁ ସମାଲୋଚନା କରିଛନ୍ତି । ବାବା ସାହେବଙ୍କୁ କଂଗ୍ରେସ କେବେ ସମ୍ମାନ ଦେଉନଥିଲା ବୋଲି ସେ କହିଛନ୍ତି । ଅନୁସୂଚିତ ଜାତି ଓ ଜନଜାତିର ବିକାଶ ପାଇଁ ବାବା ସାହେବ ରୋଡ୍ ମ୍ୟାପ୍ ତିଆରି କରିଥିଲେ । କଂଗ୍ରେସ ଦଳ ଯାହା ମିଥ୍ୟା, ଭ୍ରଷ୍ଟାଚାର ଓ ତୁଷ୍ଟିକରଣକୁ ନେଇ କାର୍ଯ୍ୟ କରେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । କିନ୍ତୁ ଆମେ ତୁଷ୍ଟିକରଣ ନୁହେଁ ସନ୍ତୁଷ୍ଟିକରଣ ଚାହୁଁଛୁ ଏବଂ ସବ୍ କା ସାଥ୍ ସବ୍ କା ବିକାଶ ଆମର ଲକ୍ଷ୍ୟ ବୋଲି ପ୍ରଧାନମନ୍ତ୍ରୀ ଗୃହରେ କହିଛନ୍ତି ।

କେବଳ ଯୋଜନା କଲେ ହେବ ନାହିଁ ଏହାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ହେବ । ବିକାଶରେ ନାରୀ ଶକ୍ତିର ଯୋଗଦାନକୁ ଅସ୍ୱୀକାର କରି ହେବ ନାହିଁ ପ୍ରସଙ୍ଗରେ ନାରୀଶକ୍ତି ବନ୍ଦନ ଅଧିନିୟମ ତାଙ୍କ ସରକାର ଆଣିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେହିପରି ପି.ଏମ୍. ବିଶ୍ୱକର୍ମା

ଯୋଜନା ବିନା ସମାଜର ବିକାଶ ଅସମ୍ଭବ, ଯାହାକୁ କଂଗ୍ରେସ କେବେବି ଧ୍ୟାନ ଦେଇନଥିଲା । ପ୍ରଧାନମନ୍ତ୍ରୀ କହିଛନ୍ତି, ମୁଦ୍ରା ଯୋଜନାରେ ବିନା ଗ୍ୟାରେଣ୍ଟିରେ ଋଣ ଦେବା ଆମ ସରକାର ଆରମ୍ଭ କରିଛି । ସେହିପରି ବିନା ଗ୍ୟାରେଣ୍ଟିରେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ଦେବା ଆରମ୍ଭ ହୋଇଛି । ସରକାର ଗରିବ ଓ ବଞ୍ଚିତ ସମୁଦାୟ ଲୋକଙ୍କ ପାଇଁ କାମ କରୁଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଆଗରୁ ଆମେ ଖେଳନା ଆମଦାନି କରୁଥିଲୁ ଏବେ ତିନିଗୁଣା ଖେଳନା ରପ୍ତାନୀ କରୁଛୁ । ମତ୍ସ୍ୟଜୀବୀଙ୍କ ବିକାଶ ପାଇଁ ୪୦ ହଜାର କୋଟି ଅର୍ଥ ଖର୍ଚ୍ଚ କରିଛୁ ବୋଲି ପ୍ରଧାନମନ୍ତ୍ରୀ ରାଜ୍ୟସଭାରେ ସୂଚନା ଦେଇଛନ୍ତି ।

ଏହି ଚର୍ଚ୍ଚାରେ ଭାଗ ନେଇ ବିଜେପି ସଦସ୍ୟ ଦେବେନ୍ଦ୍ର ପ୍ରତାପ ସିଂହ କହିଛନ୍ତି, ସରକାର କୃଷକମାନଙ୍କ କଲ୍ୟାଣ ପାଇଁ  ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିବା ସହ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିମାନଙ୍କ କଲ୍ୟାଣ ପାଇଁ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରିଛନ୍ତି । ଶ୍ରୀ ସିଂହ ସଂସଦରେ ରାଷ୍ଟ୍ରପତିଙ୍କ ଭାଷଣ ପରେ ରାଷ୍ଟ୍ରପତିଙ୍କ ବିରୁଦ୍ଧରେ ଗଣମାଧ୍ୟମରେ ଦିଆଯାଇଥିବା ଅପମାନ ଜନକ ଟିପ୍ପଣୀକୁ ନିନ୍ଦା କରିବା ସହ ସେହି ନେତାମାନଙ୍କୁ କଟୁ ସମାଲୋଚନା କରିଛନ୍ତି ।

ଏଥିରେ ପୂର୍ବ ପ୍ରଧାନମନ୍ତ୍ରୀ ତଥା ଜନତା ଦଳ  ସେକୁଲାର ନେତା ଏଚ୍.ଡି. ଦେବଗୌଡ଼ା କହିଛନ୍ତି, ଗରିବ, ମହିଳା ଏବଂ କୃଷକମାନଙ୍କ କଲ୍ୟାଣ ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା ।  ଚଳିତ କେନ୍ଦ୍ରୀୟ

ବଜେଟ୍‌ରେ କୃଷି, ସ୍ୱାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ବଜେଟ୍ ଆବଣ୍ଟନକୁ ଶ୍ରୀ ଦେବଗୌଡ଼ା ପ୍ରଶଂସା କରିଛନ୍ତି ।

କଂଗ୍ରେସର ରାଜୀବ ଶୁକ୍ଲା ଗୃହରେ ବେକାରୀ ସମସ୍ୟା ଉପରେ ମତ ରଖି କହିଛନ୍ତି, କୋଭିଡ୍ ମହାମାରୀ ପରେ ଦେଶରେ ଶ୍ରମ ସଂକଟ ଦେଖା ଦେଇଛି । ସମାଜବାଦୀ ପାର୍ଟି ସଦସ୍ୟ ଜୟା ବଚ୍ଚନ, ଆପ୍‌ର ସଂଜୀବ ଆରୋରା, ଆଇ.ୟୁ.ଏମ୍.ଏଲ୍.ର ଅବଦୁଲ୍ ୱାହାବ୍ ଏବଂ ବି.ଏସ୍.ପି.ର ରାମଜୀ ପ୍ରମୁଖ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଆର୍‌ଏସ୍-ଇଏଏମ୍ ଷ୍ଟେଟ୍‌ମେଣ୍ଟ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ବେଆଇନ୍ ପ୍ରବାସୀଙ୍କ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆନ୍ତର୍ଜାତିକ ସମ୍ପର୍କରେ ଏକ ସାଧାରଣ ଭାବରେ ଗ୍ରହଣୀୟ ନୀତି ବୋଲି କହିଛନ୍ତି । ଆଇନ୍‌ଗତ ଗତିଶୀଳତା ବୃଦ୍ଧି କରିବା ରାଷ୍ଟ୍ରଗୁଡ଼ିକର ସାମୁହିକ ସ୍ୱାର୍ଥରେ ବୋଲି ସେ କହିଛନ୍ତି । ଶ୍ରୀ ଜୟଶଙ୍କର ଆମେରିକାରୁ ଭାରତୀୟ ନାଗରିକଙ୍କୁ ଦେଶ ଛାଡ଼ିବା ସମ୍ପର୍କରେ ରାଜ୍ୟସଭାରେ ଏକ ବିବୃତ୍ତି ଦେଇ ଏହା କହିଛନ୍ତି । ଅନ୍ୟ ଦେଶରେ ବେଆଇନ୍ ଭାବରେ ରହୁଥିବା ନାଗରିକମାନଙ୍କୁ ସେମାନଙ୍କ ଦେଶକୁ ଫେରାଇ ଦେବା ଏକ ବାଧ୍ୟତା ମୂଳକ ପ୍ରକ୍ରିୟା ବୋଲି କେନ୍ଦ୍ର ମନ୍ତ୍ରୀ ସୂଚନା ଦେଇ କହିଛନ୍ତି, ଏଭଳି ଘଟଣାରେ କୌଣସି ନୂତନତ୍ୱ ନାହିଁ । ଏହା ଏକ

ନିରନ୍ତର ପ୍ରକ୍ରିୟା, ଯେଉଁଥିରେ ସାମରିକ ଏବଂ ବେସାମରିକ ବିମାନ ଉଭୟ ବ୍ୟବହାର କରାଯାଇଥାଏ ବୋଲି ସେ କହିଛନ୍ତି ।

୨୦୦୯ ମସିହାରେ ୭୩୪ ଜଣ ଭାରତୀୟଙ୍କୁ ଦେଶ ଛାଡ଼ିବାକୁ କୁହାଯାଇଥିବା ବେଳେ ୨୦୨୪ରେ ୧ହଜାର ୩୬୮ ଏବଂ ଚଳିତ ବର୍ଷ ୧୦୪ ଜଣଙ୍କୁ ଏହି ପ୍ରକ୍ରିୟାରେ ସାମିଲ କରାଯାଇଛି । ଏମାନଙ୍କ ପ୍ରତି କୌଣସି ପ୍ରକାରର ଅନ୍ୟାୟ ନ ହେବା ନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାର ଆମେରିକା କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ଅଛନ୍ତି । ଡକ୍ଟର ଜୟଶଙ୍କର ବେଆଇନ୍ ପ୍ରବାସୀ କ୍ଷେତ୍ର ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତରେ ଗୁରୁତ୍ୱାରୋପ କରିଛନ୍ତି ଏବଂ ଦେଶ ଗୁଡ଼ିକ ମଧ୍ୟରେ  ଏଭଳି ଗତିବିଧିକୁ ନିରୁତ୍ସାହିତ କରିବାକୁ ଆହ୍ୱାନ କରିଛନ୍ତି ।

ବୈଦେଶିକ ମନ୍ତ୍ରୀଙ୍କ ବିବୃତ୍ତି ଉପରେ ପ୍ରତିକ୍ରିୟା ଦେଇ କଂଗ୍ରେସ ସଦସ୍ୟ ରଣଦୀପ ସିଂହ ସୁରେଜୱାଲ୍ କହିଛନ୍ତି, ଆମେରିକା ସମାନ ଭାବରେ ଏପରି ୭ ଲକ୍ଷରୁ ଅଧିକ ଭାରତୀୟଙ୍କୁ ଦେଶ ଛାଡ଼ିବା ପାଇଁ ଯୋଜନା କରୁଛି । ସରକାର, ଆମେରିକାରେ ଏପରି କେତେ ଭାରତୀୟ ନାଗରିକ ଜେଲ୍‌ରେ ବନ୍ଦୀ ଅଛନ୍ତି  ଏବଂ ସେମାନଙ୍କୁ କୌଣସି ଆଇନ୍‌ଗତ ସହାୟତା ଯୋଗାଇ ଦିଆଯାଇଛି କି ନାହିଁ ସେ ପ୍ରସଙ୍ଗରେ ଗୃହକୁ ଜଣାଇବା ଉଚିତ୍  ବୋଲି ଶ୍ରୀ ସୁରେଜୱାଲା କହିଛନ୍ତି ।

ପୂର୍ବରୁ ବିରୋଧି ଦଳ ଗୃହରେ ଏହି ପ୍ରସଙ୍ଗରେ ଆଲୋଚନା ଦାବି କରିବାରୁ ଗୃହରେ ପ୍ରବଳ ହଟ୍ଟଗୋଳ ସୃଷ୍ଟି ହୋଇଥିଲା । ଏହି ହଟ୍ଟଗୋଳ ସତ୍ତ୍ୱେ ଡକ୍ଟର ଜୟଶଙ୍କର ଲୋକସଭାରେ ତାଙ୍କର ବିବୃତ୍ତି ରଖିବା ପରେ ବାଚସ୍ପତି ଗୃହକୁ ଆଜି ପାଇଁ ମୁଲତବୀ ରଖିଛନ୍ତି ।

## ଏମ୍‌ପି-ପ୍ଲେନ୍ କ୍ରାଶଡ୍

ମଧ୍ୟପ୍ରଦେଶର ଶିବପୁରୀ ଜିଲ୍ଲାର ବେହେତା ଗ୍ରାମ ନିକଟରେ ବାୟୁ ସେନାର ଏକ ଲଢୁଆ ବିମାନ ଦୁର୍ଘଟଣା ଗ୍ରସ୍ତ ହୋଇ ଖସି ପଡ଼ିଛି । ଏହି ଦୁର୍ଘଟଣାର ଖବର ପାଇ ସ୍ଥାନୀୟ ପ୍ରଶାସନ, ପୁଲିସ୍ ଏବଂ ଅଗ୍ନିସମ ବାହିନୀ ଉଦ୍ଧାରକାରୀ ଦଳ ସହ ଘଟଣା ସ୍ଥଳରେ ପହଞ୍ଚିଥିଲେ । ଦୁଇ ଜଣଯାକ ପାଇଲଟ ସୁରକ୍ଷିତ ଭାବେ ଉଦ୍ଧାର ହୋଇଥିବା ବେଳେ ଏଥିରେ କାହାର ମୃତାହତ ସୂଚନା ନାହିଁ । ଦୁର୍ଘଟଣାର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ିନାହିଁ । ତେବେ ବାୟୁସେନା ପକ୍ଷରୁ ଏହି ଦୁର୍ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

## ନାଇଜେରିଆ-ସ୍କୁଲ୍ ଫାୟାର୍

ନାଇଜେରିଆର ଉତ୍ତର-ପଶ୍ଚିମ ଅଞ୍ଚଳରେ ଥିବା ଏକ ବିଦ୍ୟାଳୟରେ ଆଜି ଅଗ୍ନିକାଣ୍ଡ ଘଟି ପ୍ରାୟ ୧୭ ଜଣ ଛାତ୍ରଛାତ୍ରୀଙ୍କ ପ୍ରାଣହାନୀ ଘଟିଛି । ଦେଶର ଜରୁରୀକାଳୀନ ସଂସ୍ଥା ପକ୍ଷରୁ କୁହାଯାଇଛି, ଜମ୍ଫରା ରାଜ୍ୟର କୌରା ନବୋଡ଼ା ଜିଲ୍ଲାର ଏହି ବିଦ୍ୟାଳୟରେ ଅଗ୍ନିକାଣ୍ଡ ଘଟିଥିବା ବେଳେ ସ୍କୁଲ୍ ପରିସରରେ ପ୍ରାୟ ୧୦୦ ଜଣ ପିଲା ଥିଲେ । ଗୁରୁତର ଆହତ ୧୭ ଜଣ ପିଲାମାନଙ୍କୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି । ନାଇଜେରିଆ ରାଷ୍ଟ୍ରପତି ବୋଲା ଟିନୁବୁ ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ପିଲାମାନଙ୍କ ପ୍ରତି ଗଭୀର ଦୁଃଖ ପ୍ରକାଶ କରିବା ସହ ବିଦ୍ୟାଳୟରେ ପିଲାମାନଙ୍କର ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଛତିଶଗଡ଼- ଅମିତ ଶାହା

ଛତିଶଗଡ଼ର ଡଙ୍ଗରଗଡ଼ ଅଞ୍ଚଳରେ ଥିବା ଚନ୍ଦ୍ରଗିରି ତୀର୍ଥ ଠାରେ ଆଜି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା' ଆଚାର୍ଯ୍ୟ ବିଦ୍ୟାସାଗର ଜୀ ମହାରାଜଙ୍କ "ପ୍ରଥମ ସମାଧି ସ୍ମୃତି ମହୋତ୍ସବ ଏବଂ ଶ୍ରୀ ଏକ୍ ହଜାର ଆଠ୍ ସିଦ୍ଧଚକ୍ର ବିଧାନ ବିଶ୍ୱ ଶାନ୍ତି ମହାଯଜ୍ଞ"ରେ ଯୋଗ ଦେଇଛନ୍ତି । ଚନ୍ଦ୍ରଗିରି ତୀର୍ଥ

ଠାରେ ଥିବା ମହାମୁନି ରାଜଙ୍କ ସମାଧି ପୀଠରେ ଶ୍ରୀ ଶାହା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ଏହି ଅବସରରେ ଅନୁଷ୍ଠିତ ଏକ ସମାବେଶରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଆଚାର୍ଯ୍ୟ ବିଦ୍ୟାସାଗର ଜୀ ମହାରାଜ ସମାଜରେ ଏକତା ପ୍ରତିଷ୍ଠା କରିବା ପାଇଁ ଦେଇଥିବା ସତ୍ୟ, ଅହିଂସା ଏବଂ ସେବାର ବାଣି ବିଷୟରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଇ ଏବଂ ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

## ଦୁବାଇ-ଫିସି

ଆନ୍ତର୍ଜାତିକ ସହରାଞ୍ଚଳ ସହଯୋଗକୁ ସୁଦୃଢ଼ କରିବା ପାଇଁ ଏକ ଉଲ୍ଲେଖନୀୟ ପଦକ୍ଷେପ ସ୍ୱରୂପ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ୍ ଅଫ୍ କମର୍ସ୍ ଆଣ୍ଡ ଇଣ୍ଡଷ୍ଟ୍ରି (ଫିସି) ଏକ୍ସପୋ ସିଟି ଦୁବାଇ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି । ସିଟିଜ୍ ଇନ୍ ଆକ୍ସନ୍ ଫୋରମ୍ ୨୦୨୫ ଅବସରରେ ସ୍ୱାକ୍ଷରିତ ଏହି ଚୁକ୍ତିନାମା ଆସନ୍ତା ଅକ୍ଟୋବରରେ ହେବାକୁ ଥିବା ଏସିଆ ପେସିଫିକ୍ ସିଟିଜ୍ ଶିଖର ସମ୍ମିଳନୀ ଏବଂ ମେୟର୍ ଫୋରମ୍‌ରେ ଭାରତର ଅଂଶଗ୍ରହଣକୁ ସୁଗମ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏକ୍ସପୋସିଟି ଦୁବାଇରେ ଅନୁଷ୍ଠିତ ହେବାକୁ ଥିବା ଏହି

ସମ୍ମିଳନୀରେ ବିଭିନ୍ନ ସହରର ମେୟର୍, ବ୍ୟବସାୟୀ, ସରକାରୀ ପ୍ରତିନିଧି, ନୀତିନିର୍ଦ୍ଧାରକ, ପର୍ଯ୍ୟଟନ ଅଧିକାରୀ ଓ ରାଜନେତା ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବେ ।

## କ୍ରିକେଟ୍

ମହାରାଷ୍ଟ୍ରର ନାଗପୁର ସ୍ଥିତ ବିଦର୍ଭ କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମ୍‌ରେ ଭାରତ-ଇଂଲଣ୍ଡ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳାଯାଉଛି । ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ୪୭ ଓଭର୍ ୪ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୨୪୮ରନ୍ ସଂଗ୍ରହ କରିଛି ।

ଅଧିନାୟକ ଜୋସ୍ ବଟଲର ୬୭ ବଲ୍‌ରୁ ୫୨ରନ୍, ଜ୍ୟାକବ୍ ବେଥେଲ୍ ୬୪ ବଲରୁ ୫୧, ଫିଲିପ୍ ସଲ୍ଟ ୨୬ ବଲ୍‌ରୁ ୪୩ରନ୍ କରିଥିଲେ । ଭାରତ ପକ୍ଷରୁ ରବୀନ୍ଦ୍ର ଜାଡ଼େଜା ଏବଂ ହର୍ଷିତ୍ ରାଣା ୩ଟି ୱିକେଟ୍ ଲେଖାଏଁ ହାସଲ କରିଥିବା ବେଳେ ମହମ୍ମଦ ସାମି, ଅକ୍ଷର ପଟେଲ୍ ଏବଂ କୁଲଦୀପ ଯାଦବ ପ୍ରମୁଖ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ ।

ସମ୍ବାଦଟି ପ୍ରସ୍ତୁତ ହେବା ବେଳକୁ ଭାରତ ବର୍ତ୍ତମାନ ବ୍ୟାଟିଂ କରି ୨୦ ଓଭର୍‌ରେ ୩ଟି ଓ୍ୱିକେଟ୍ ହରାଇ ୧୩୮ରନ୍ ସଂଗ୍ରହ କରିଛି ।

ଏହି ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ରବିବାର ଦିନ ଓଡ଼ିଶାର କଟକ ସ୍ଥିତ ବାରବାଟୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବାକୁ ଥିବା ବେଳେ ୧୨ ତାରିଖରେ ଉଭୟ ଦଳ ପରସ୍ପରକୁ ଅହମ୍ମଦାବାଦରେ ଭେଟାଭେଟି ହେବେ ।